# NATIONAL NEWS BULLETIN (ODIA)

**21 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ଦେଶର ୧୦୩ଟି ପୁନଃବିକଶିତ ରେଳ ଷ୍ଟେସନକୁ ଆସନ୍ତାକାଲି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ଅପରେସନ୍ ସିନ୍ଦୂର ସମ୍ପର୍କରେ ଅବଗତ କରାଇବା ଲକ୍ଷ୍ୟ ନେଇ ଗଠିତ ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ମଧ୍ୟରୁ ଜେଡିୟୁ ସାଂସଦଙ୍କ ନେତୃତ୍ୱାଧୀନ ଦଳର ଗସ୍ତ ଆରମ୍ଭ

- ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୨୦ଜଣ ମାଓବାଦୀ ନିହତ

- ଭାରତର ପ୍ରଥମ ପୂର୍ଣ୍ଣ ସାକ୍ଷର ରାଜ୍ୟ ଭାବେ ମାନ୍ୟତା ପାଇଲା ମିଜୋରାମ

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ହେବ ମୁକାବିଲା

# ପିଏମ୍- ଅମିତ ଭାରତ ଷ୍ଟେସନ୍ ସ୍କିମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୩ଟି ପୁନଃବିକଶିତ ରେଳଷ୍ଟେସନ୍ ଉଦ୍‌ଘାଟନ କରିବେ। କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଅବସ୍ଥିତ ମାହେ ରେଳଷ୍ଟେସନ୍ ଏହି ପୁନଃବିକଶିତ ପଦକ୍ଷେପରେ ଅର୍ନ୍ତଭୁକ୍ତ ହୋଇଛି। ଏହି ଯୋଜନା ଅଧୀନରେ ମାହେ ଷ୍ଟେସନ୍‌ରେ ନୂତନ ଭାବେ ନିର୍ମିତ ପ୍ରତୀକ୍ଷା କକ୍ଷ, ଉନ୍ନତ ଶୌଚାଳୟ, ଅତ୍ୟାଧୁନିକ ପ୍ଲାଟଫର୍ମ, ଆଶ୍ରୟସ୍ଥଳ ଭଳି ଉନ୍ନତ ଯାତ୍ରୀ ସୁବିଧା ସହିତ ସଜ୍ଜିତ କରାଯାଇଛି। ଉନ୍ନତ ସୁବିଧା ସୁଯୋଗ ଥିବା ଏହି ଷ୍ଟେସନ୍‌ର ପ୍ରବେଶ ପଥକୁ ବିକଶିତ କରାଯିବା ସହ ୭ ହଜାର ବର୍ଗ ମିଟରରେ ବିସ୍ତାରିତ ଦୁଇ ଓ ଚାରି ଚକିଆ ଯାନ ପାଇଁ ପାର୍କି ଜୋନ୍‌ର ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗଜନଙ୍କ ଲାଗି ସମସ୍ତ ପ୍ରକାର ସୁବିଧା କରାଯାଇଛି। ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ଷ୍ଟେସନ୍‌ରେ ବର୍ତ୍ତମାନ ୧୨୦ଟି ନୂତନ କଂକ୍ରିଟ ବେଞ୍ଚ, ୪୦ଟି ଅତିରିକ୍ତ ମୋବାଇଲ ଚାର୍ଜିଂ ପଏଣ୍ଟ, ୨୧ଟି ନୂତନ ପାଣି ପଏଣ୍ଟ ଏବଂ ୮୦ଟି ଡଷ୍ଟବିନ୍ ରଖାଯାଇଛି।

# ଅଲ୍ ପାର୍ଟି ଡେଲିଗେସନ୍ ଭିଜିଟ୍

ଭାରତର ଅପରେସନ୍ ସିନ୍ଦୂର ଉପରେ କୂଟନୈତିକ ପ୍ରଚାର ଓ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ସର୍ବସମ୍ମୁଖକୁ ଆଣିବା ପାଇଁ ଜେଡିୟୁ ସାଂସଦ ସଞ୍ଜୟ କୁମାର ଝା'ଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ପ୍ରତିନିଧି ଦଳ ଆଜି ୫ ରାଷ୍ଟ୍ର ଗସ୍ତ କରିଛନ୍ତି। ଏହି ପ୍ରତିନିଧି ଦଳ ସମସ୍ତ ପ୍ରକାରର ଆତଙ୍କବାଦ ବିରୋଧରେ ଦେଶର ଦୃଢ଼ ଆଭିମୁଖ୍ୟକୁ ପ୍ରଦର୍ଶିତ କରିବା

ପାଇଁ ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ, ଜାପାନ ଓ ସିଙ୍ଗାପୁର ଗସ୍ତରେ ଯାଉଛନ୍ତି। ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଶ୍ରୀ ଝା’ କହିଛନ୍ତି, ଆତଙ୍କବାଦ ପାକିସ୍ତାନର ଏକ ରାଷ୍ଟ୍ରନୀତିର ଏକ ଅଂଶପାଲଟିଛି। ଏହି ପ୍ରତିନିଧି ଦଳ ଗସ୍ତ ମାଧ୍ୟମରେ ଇସ୍‌ଲାମାବାଦ କିପରି ଆତଙ୍କବାଦକୁ ପୃଷ୍ଠପୋଷକତା ଦେଉଛି ସେ ବିଷୟରେ ଅବଗତ କରାଇବ।

**V/O- SANJAY-JHA**

ସେହିପରି ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଆଉ ଏକ ପ୍ରତିନିଧି ଦଳ ଆଜି ୟୁଏଇ, ଲାଇବେରିଆ, କଙ୍ଗୋ ଗଣରାଜ୍ୟ ଓ ସିଏରା ଲିଓନ ମଧ୍ୟ ଯାତ୍ରା କରିବେ। ସୂଚନାଯୋଗ୍ୟ, ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ଭାରତ ବିଶ୍ୱ ସମୁଦାୟକୁ ଅବଗତ କରାଇବା ଲାଗି ଏହି ଅଭିଯାନ ଜାରି ରଖିଛି। ଏଥିପାଇଁ ୭ଟି ବହୁ ଦଳୀୟ ପ୍ରତିନିଧି ଦଳ ଗଠନ କରାଯାଇଛି। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ବିରୋଧରେ ଦୃଢ଼ ଆଭିମୁଖ୍ୟ ପୋଷଣ କରିବା ସହ ଶୂନ୍ୟ ସହନଶୀଳତାର ବାର୍ତ୍ତା ଦେବା ପାଇଁ ଏହି ସବୁ ପ୍ରତିନିଧି ମଣ୍ଡଳୀ ଆସନ୍ତା ମାସ ୫ ତାରିଖ ସୁଦ୍ଧା ମୋଟ୍ ୩୨ଟି ଦେଶ ଗସ୍ତ କରିବେ। ଗତକାଲି ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରି ନୂଆଦିଲ୍ଲୀର ସଂସଦ ଭବନଠାରେ ତିନୋଟି ପ୍ରତିନିଧି ମଣ୍ଡଳର ସଦସ୍ୟଙ୍କୁ ଏ ନେଇ ସୂଚନା ଦେଇଥିଲେ।

## ପିଏମ୍- ରାଜୀବ ଗାନ୍ଧୀ

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ଆଜି ହେଉଛି ୩୪ତମ ଶ୍ରାଦ୍ଧ ଦିବସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଶ୍ରୀ ଗାନ୍ଧୀଙ୍କ

ସ୍ମୃତିଚାରଣ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଏବଂ ବରିଷ୍ଠ ନେତା ରାହୁଲ ଗାନ୍ଧୀ ନୂଆଦିଲ୍ଲୀର ବୀରଭୂମିଠାରେ ଶ୍ରୀ ଗାନ୍ଧୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

## ପ୍ରଧାନ- ମିଜୋରାମ

ମିଜୋରାମ୍‌କୁ  ଭାରତର ପ୍ରଥମ ପୂର୍ଣ୍ଣ ସାକ୍ଷର ରାଜ୍ୟଭାବେ ଘୋଷଣା କରାଯାଇଛି । ଏହା ରାଜ୍ୟର ଶିକ୍ଷାକ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ହୋଇପାରିଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏହି ଅବସରରେ ସେ ମିଜୋରାମବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପ୍ରଧାନ କହିଛନ୍ତି, ଏହା ରାଜ୍ୟର ଶିକ୍ଷାକ୍ଷେତ୍ରରେ ଏକ ସ୍ମରଣୀୟ ମୁହୂର୍ତ୍ତ ଆଣି ଦେଇଥିବାବେଳେ ଦେଶ ପାଇଁ ଗୌରବର ବିଷୟ ହୋଇଛି । ଶ୍ରୀ ପ୍ରଧାନ କହିଛନ୍ତି,  ଏହା ଜନସାଧାରଣ ଓ ରାଜ୍ୟ ସରକାରଙ୍କ ସଫଳ ପ୍ରୟାସ ଯୋଗୁଁ ସମ୍ଭବ ହୋଇଛି । ମିଜୋରାମର ଏହି ସଫଳତା ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିକାଶ ଲକ୍ଷ୍ୟ ହାସଲ  ଦିଗରେ ପ୍ରେରଣା ଯୋଗାଇ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଛତିଶଗଡ଼ ନକ୍ସଲ କିଲ୍ଡ

ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଆବୁଝମାଡ଼ ଅଞ୍ଚଳରେ ସୁରକ୍ଷାବାହିନୀ ସହ ହୋଇଥିବା ଏକ ଗୁଳି ବିନିମୟରେ ଅତିକମ୍‌ରେ ୨୦ ଜଣ ମାଓବାଦୀ ନିହତ ହୋଇଛନ୍ତି । ଏଥିରେ ମାଓବାଦୀଙ୍କ ଜଣେ ଶୀର୍ଷ ନେତା ନିହତ ହୋଇଥିବା ଜଣାପଡ଼ିଛି । ଗୁଳି ବିନିମୟ ବେଳେ ସୁରକ୍ଷାବାହିନୀର ଜଣେ କର୍ମଚାରୀ ଆହତ ହୋଇଥିବାର ଖବର ମିଳିଛି ।

ଛତିଶଗଡ଼ର ନାରାୟଣପୁର, ଦାନ୍ତେୱାଡ଼ା, ବିଜାପୁର, କୋଣ୍ଡାଗାଓଁରେ ଜିଲ୍ଲା ରିଜର୍ଭ ବାହିନୀର ଏକ ଦଳ ଆବୁଝମାଡ଼ ଅଞ୍ଚଳରେ ବହୁ ସଂଖ୍ୟକ ମାଓବାଦୀ ଉପସ୍ଥିତ ଥିବା ବିଷୟରେ ସୂଚନା ପାଇବା ପରେ ଦୁଇ ଦିନ ପୂର୍ବେ ଏକ ମିଳିତ ଅଭିଯାନ ଆରମ୍ଭ କରିଥିଲା। ଆଜି ସକାଳଠାରୁ ମାଓବାଦୀ ଓ ସୁରକ୍ଷାବାହିନୀ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି।

## ଇଣ୍ଡିଆ- ମାରିଟାଇମ୍ ସେଫ୍‌ଟି

ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି.ହରିଶ ସୁରକ୍ଷା ପରିଷଦକୁ କହିଛନ୍ତି, ଆତଙ୍କବାଦର ମୁକାବିଲା ଓ ସାମୁଦ୍ରିକ ସୁରକ୍ଷା ସୁନିଶ୍ଚିତ କରିବା ଭାରତର ଜାତୀୟ ସୁରକ୍ଷା ଓ ଆର୍ଥିକ ସ୍ୱାର୍ଥ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମୁଦ୍ରିକ ସୁରକ୍ଷା ଉପରେ ଏକ ବିତର୍କରେ ଭାଷଣ ଦେଇ ଶ୍ରୀ ହରିଶ ଭାରତର ବ୍ୟାପକ ସାମୁଦ୍ରିକ ରଣନୀତିକୁ ଦର୍ଶାଇଛନ୍ତି, ଯାହା ରାଷ୍ଟ୍ର ଭିତ୍ତିକ ବିପଦ, ଆତଙ୍କବାଦ, ଚୋରାଚାଲାଣ, ଜଳଦସ୍ୟୁ ଏବଂ ବେଆଇନ ଭାବେ ମାଛ ଧରିବା ଭଳି ଅଣ ପାରମ୍ପରିକ ଆହ୍ୱାନକୁ ମୁକାବିଲା କରିବା ଦିଗରେ ସହାୟକ ହେବ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହାସାଗର ପଦକ୍ଷେପ ସହିତ ସମନ୍ୱିତ ଭାରତର ଆଭିମୁଖ୍ୟ, ପର୍ଯ୍ୟବେକ୍ଷଣ, ଆଞ୍ଚଳିକ କୂଟନୀତି, ବିଶ୍ୱ ସହଯୋଗ ଏବଂ ଭିତ୍ତିଭୂମି ବିକାଶ ସମେତ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଛନ୍ତି।

ଶ୍ରୀ ହରିଶ ପଶ୍ଚିମ ଆରବ ସାଗରରେ ଭାରତୀୟ ନୌସେନାର ୩୫ରୁ ଅଧିକ ଜାହାଜ ମୁତୟନ, ୩୦ଟି ଘଟଣାରେ ପ୍ରତିକ୍ରିୟା ପ୍ରକାଶ, ୫୨୦ କ୍ରୁ ସଦସ୍ୟଙ୍କୁ ଉଦ୍ଧାରକ ଓ ୫ ଦଶମିକ ୩ ବିଲିୟନ ଡଲାର ମୂଲ୍ୟର ମାଲ୍ ପରିବହନ କରୁଥିବା ୩୧୨ ବାଣିଜ୍ୟିକ ଜାହାଜକୁ ସୁରକ୍ଷା ପ୍ରଦାନ କରିବା

ବିଷୟରେ ଉଲ୍ଲେଖ କରିଛନ୍ତି। ହୁଥି ଆକ୍ରମଣ ଓ ଲୋହିତ ସାଗରରେ ଜଳଦସ୍ୟୁଙ୍କ ମୁକାବିଲା, ମିଆଁମାର, ଲାଓସ ଏବଂ ଭିଏତନାମରେ ଟାଇଫୁନ୍ ରିଲିଫ ଅପରେସନ୍ ପରିଚାଳନାରେ ଭାରତର ଭୂମିକାକୁ ମଧ୍ୟ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟରେସ ଏବଂ ଗ୍ରୀକ୍ ପ୍ରଧାନମନ୍ତ୍ରୀ କିରିଆକୋସ ମିତ୍‌ସୋଟାକିସ୍ ଜଳଦସ୍ୟୁ, ଆତଙ୍କାବାଦ, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ହେଉଥିବା ଆକ୍ରମଣକୁ ଉଲ୍ଲେଖ କରିବା ସହ ସାମୁଦ୍ରିକ ବିପଦ ଉପରେ ଚିନ୍ତା ପ୍ରକଟ କରିଛନ୍ତି।

## ୟୁକେ-ଇସ୍ରାଏଲ ଡିପ୍ଲୋମାଟିକ ଫ୍ରିଜ୍

ଗାଜା ପରିସ୍ଥିତିକୁ ଦୃଷ୍ଟିରେ ରଖି ଇସ୍ରାଏଲ ସହିତ ସମସ୍ତ ପ୍ରକାର ବାଣିଜ୍ୟ ଆଲୋଚନାକୁ ବ୍ରିଟେନ୍ ସ୍ଥଗିତ ରଖିଛି। ଇସ୍ରାଏଲ ରାଷ୍ଟ୍ରଦୂତଙ୍କୁ ଡକାଇବା ସହ ୱେଷ୍ଟବ୍ୟାଙ୍କର ବସତି ସ୍ଥାପନକାରୀଙ୍କ ଉପରେ ନୂତନ କଟକଣା ବ୍ରିଟେନ୍ ଲାଗୁ କରିଛି। ବୈଦେଶିକ ସଚିବ ଡେଭିଡ୍ ଲାମି’ ଗାଜାରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନକୁ ଅନୈତିକ ବୋଲି ଅଭିହିତ କରିଛନ୍ତି। ସେଠାରେ ସହାୟତାକୁ ଅବରୋଧ କରିବା ଏକ ବଡ଼ ମାନବିକ ସଂକଟ ସୃଷ୍ଟି କରିଛି ବୋଲି ବୈଦେଶିକ ସଚିବ ଶ୍ରୀ ଲାମି କହିଛନ୍ତି। ଗାଜାକୁ କ୍ଷତି ପହଁଞ୍ଚାଇବା ଏବଂ ପାଲେଷ୍ଟାଇନ୍‌ବାସୀଙ୍କୁ ଅନ୍ୟ ଦେଶକୁ ସ୍ଥାନାନ୍ତର କରିବା ବିଷୟରେ ଜଣେ ଇସ୍ରାଏଲ ମନ୍ତ୍ରୀଙ୍କ ମନ୍ତବ୍ୟକୁ ବୈଦେଶିକ ସଚିବ ଶ୍ରୀ ଲାମୀ ଦୃଢ଼ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଇସ୍ରାଏଲ କହିଛି, ବାହ୍ୟଚାପ ଯୋଗୁଁ ଏହାର ସୁରକ୍ଷା ନୀତିରେ କୌଣସି ପରିବର୍ତ୍ତନ ଘଟିବ ନାହିଁ। ବ୍ରସେଲ୍‌ସରେ ଅନୁଷ୍ଠିତ ୟୁରୋପୀୟ ରାଷ୍ଟ୍ର ସଦସ୍ୟଙ୍କ ବୈଦେଶିକ ମନ୍ତ୍ରିଗଣ ଇସ୍ରାଏଲ ସହିତ ବାଣିଜ୍ୟ ଚୁକ୍ତିକୁ ପୁନଃ

ସମୀକ୍ଷା କରିବାକୁ ସହମତି ହୋଇଛନ୍ତି। ୟୁରୋପୀୟ ସଂଘ ଇସ୍ରାଏଲର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ଇସ୍ରାଏଲ ସାମଗ୍ରୀ ବାଣିଜ୍ୟର ୩୨ ପ୍ରତିଶତ ୟୁରୋପୀୟ ସଂଘ ମାଧ୍ୟମରେ ହୋଇଥାଏ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ଟି-ଟ୍ୱେଣ୍ଟିରେ ଆଜି ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁକାବିଲା ହେବ। ବର୍ଷା ହେବାର ପ୍ରାୟ ୮୫ ପ୍ରତିଶତ ସମ୍ଭାବନା ଥିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଡକ୍ ୱର୍ଥ ଲୁଇସ୍ ପଦ୍ଧତି ଆପଣା ଯାଇପାରେ ବୋଲି କୁହାଯାଉଛି।

ଗତକାଲି ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ଠାରେ ରାଜସ୍ଥାନ ରୟାଲ୍ସ’ ଚେନ୍ନାଇ ସୁପରକିଙ୍ଗ୍‌ସକୁ ୬ ୱିକେଟ୍‌ରେ ପରାସ୍ତ କରିଥିଲା।

## ଇପିଏଫ୍‌ଓ- ମେମ୍ବର୍ସ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ- ଇପିଏଫ୍‌ଓ ସହ ଚଳିତ ବର୍ଷ ମାର୍ଚ୍ଚ ମାସରେ ୧୪ ଲକ୍ଷରୁ ଅଧିକ ସଦସ୍ୟ ସାମିଲ ହୋଇଛନ୍ତି। ଗତ ଫେବୃଆରୀ ମାସ ତୁଳନାରେ ଏହି ସଂଖ୍ୟା ୨ ଦଶମିକ ୦/୩ ପ୍ରତିଶତ ବୃଦ୍ଧି ପାଇଛି। ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ମାସରେ ପ୍ରାୟ ୭ ଲକ୍ଷ ୫୪ ହଜାର ନୂତନ ସଦସ୍ୟ ଇପିଏଫ୍‌ଓରେ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ରୁ ୨୫ ବର୍ଷ ବୟସ ମଧ୍ୟରେ ୪ ଲକ୍ଷ ୪୫ ହଜାର ସଦସ୍ୟ ଅଛନ୍ତି। ଏହା ବ୍ୟତୀତ

୨ ଲକ୍ଷରୁ ଅଧିକ ନୂତନ ମହିଳା ସଦସ୍ୟ ଇପିଏଫ୍‌ଓରେ ପଞ୍ଜୀକୃତ ହୋଇଥିବା ମନ୍ତ୍ରଣାଳୟ କହିଛି ।